# କୃଷି ମୌସମ ସେବା
# ଜିଲ୍ଲାସ୍ତରୀୟ ପାଣିପାଗ ଭିତ୍ତିକ କୃଷି ଉପଦେଶ ସେବା
# ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ
# ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର,କେନ୍ଦୁଝର

---

**ସପ୍ତାହ -12 ତାରିଖ-19.03.2024**

| | Date | Rainfall (mm) | T-MAX (C) | T-MIN (C) | Cloud Cover | Rh Max (%) | Rh Min (%) | Wind speed (kmph) | Wind Direction (deg) |
|---|---|---|---|---|---|---|---|---|---|
| **KENDUJHARGARH** | 20-03-2024 | 30 | 25 | 18 | 8 | 88 | 34 | 9 | 124 |
| | 21-03-2024 | 10 | 27 | 18 | 8 | 85 | 49 | 6 | 79 |
| | 22-03-2024 | 0 | 30 | 20 | 2 | 80 | 38 | 6 | 161 |
| | 23-03-2024 | 0 | 32 | 22 | 0 | 74 | 27 | 9 | 204 |
| | 24-03-2024 | 0 | 34 | 22 | 0 | 66 | 16 | 9 | 216 |

**ପାଣିପାଗ ସାରାଂଶ/ ସତର୍କ:**

IMD ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ପାଞ୍ଚ ଦିନ ମଧ୍ୟରେ **କେନ୍ଦୁଝର ରେ** **ମଧ୍ୟମଧରଣ ରୁ ହାଲୁକା ବର୍ଷା (20 ଏବଂ 21 ତାରିଖ)** ହେବାର ସମ୍ଭାବନା ଅଛି। ଏହି ସମୟରେ ପାଗ ମେଘୁଆ ରହିବାର ଆକଳନ କରା ଯାଇଅଛି। ପବନ ର ବେଗ 6-୨ କି. ମି. ପ୍ରତି ଘଣ୍ଟା ହେବାର ସମ୍ଭାବନା ରହିଛି ଏବଂ ଏହି ସମୟରେ ସର୍ବାଧିକ ତାପମାତ୍ରା 25-34 ଡିଗ୍ରୀ ଓ ସର୍ବନିମ୍ନ ତାପମାତ୍ରା 18-22 ଡିଗ୍ରୀ ରହିବାର ସମ୍ଭାବନା ରହିଛି।

**ସତର୍କ: ବିଜୁଳି ଏବଂ ଘଡଘଡି ହେଉଥିବା ସମୟରେ ବାହାରକୁ ଯାଅନ୍ତୁ ନାହିଁ।**

**ସାଧାରଣ ପରାମର୍ଶ:**

- ଜମିରୁ ଜଳ ନିଷ୍କାଶନ କରିବା ବ୍ୟବସ୍ଥା କରନ୍ତୁ।
- ପରିପକ୍ୱ ହୋଇଯାଇଥିବା ପନିପରିବା ଅମଳ କରିନିଅନ୍ତୁ।
- ପୋକ ରୁ ରକ୍ଷା ପାଇଁ Celphos ଟାବ୍ଲେଟ ବ୍ୟବହାର କରନ୍ତୁ।

- କ୍ଷେତ ରେ ବର୍ଷା ପାଣି କୁ ସଞ୍ଚୟ କରିବା ପାଇଁ ହିଡ ପ୍ରସ୍ତୁତ କରନ୍ତୁ ଏବଂ ଅଧିକା ପାଣି ଗଛ ମୂଳରେ ରଖନ୍ତୁ ନାହିଁ।

**ସଂକ୍ଷିପ୍ତ ଉପଦେଶ:**

- ବର୍ଷା ଥିବାରୁ ଜଳ ସେଚନ ଏବଂ କୀଟନାଶକ ସିଂଚନ କରନ୍ତୁ ନାହିଁ।

**ଶସ୍ୟ ନିର୍ଦ୍ଦିଷ୍ଟ ଉପଦେଶ:**

| ଶସ୍ୟ | ଶସ୍ୟ ର ଅବସ୍ଥା/ ସ୍ଥିତି | ଶସ୍ୟ ନିର୍ଦ୍ଦିଷ୍ଟ ଉପଦେଶ |
|---|---|---|
| ବୁଟ | ଫୁଲ ଏବଂ ଫଳ | • ପରିପକ୍ୱ ବୁଟ କୁ ଅମଳ କରି ନିଅନ୍ତୁ।<br>• ଜମିରୁ ଜଳ ନିଷ୍କାଶନ କରିବା ବ୍ୟବସ୍ଥା କରନ୍ତୁ।<br>• ବୁଟ ରେ ଫଳ ବିନ୍ଧା ପୋକ ର ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧୨.୫ ଲିଟର ନିମ୍ବ ତେଲ କିମ୍ବା ୧ ଲିଟର ପାଣିରେ ୨ ମି. ଲି Triazophos ପ୍ରୟୋଗ କରନ୍ତୁ । |
| ପେଶୀ | ଫଳ ପାଚିବା | • ପେଶୀ କିମ୍ବା ଟିସି କୁ ଅମଳ କରି ନିଅନ୍ତୁ।<br>• ଅମଳ ଟିସି କୁ ସୁରକ୍ଷିତ ସ୍ଥାନ ରେ ରଖନ୍ତୁ। |
| ସୋରିଷ | ଫଳ ପାଚିବା ଏବଂ ଅମଳ | • ଗଛ ମୂଳରେ ପାଣି ଜମିବାକୁ ଦିଅନ୍ତୁ ନାହିଁ।<br>• ପାଉଁସିଆ ରୋଗ ର ନିୟନ୍ତ୍ରଣ ପାଇଁ ସଲଫର ପାଉଡର କିମ୍ବା କାରାଥେନ (Karathane) @ 2 % ସିଂଚନ କରନ୍ତୁ। |
| **ପନିପରିବା:** | | |
| ଫୁଲକୋବି | ଫୁଲ ବନିବା | • ପରିପକ୍ୱ ହେଇ ଆସିଥିବା ଫୁଲକୋବି କୁ ଅମଳ କରି ସ୍ଥାନୀୟ ବଜାର ରେ ବିକ୍ରି କରି ଦିଅନ୍ତୁ।<br>• ବର୍ଷା ଥିବାରୁ ଅମଳ ଯୋଗ୍ୟ ନ ହୋଇଥିବା କୋବି ଗୁଡିକ |

| | | |
|---|---|---|
| | | କୁ ଘୋରେଇ ଦିଅନ୍ତୁ।<br>• କର୍ତ୍ତକ କୀଟ ର ନିୟନ୍ତ୍ରଣ ପାଇଁ Chloropyriphos @ 2 ml/lt ବ୍ୟବହାର କରନ୍ତୁ। |
| **ପିଆଜ** | ଫଳ | • ପିଆଜ ଅମଳ କରି ଏପରି ସ୍ଥାନ ରେ ରଖନ୍ତୁ ଯେଉଁଠି ବାୟୁ ଚଳାଚଳ ଠିକ ହେଉଥିବ।<br>• ପିଆଜରେ ପତ୍ର ଦାଗ କୁ ନିୟନ୍ତ୍ରଣ କରିବା ପାଇଁ Mancozeb କିମ୍ବା Copper oxychloride @ 2 g/lt ପାଣିରେ ମିଶାଇ ସିଂଚନ କରନ୍ତୁ। |
| **ବାଇଗଣ** | ଫୁଲ ଏବଂ ଫଳ | • ଗଛ ମୂଳରୁ ଜଳ ନିଷ୍କାଶନ କରନ୍ତୁ।<br>• ପାକଳ ହୋଇଯାଇଥିବା ବାଇଗଣକୁ ତୋଳି ସୁରକ୍ଷିତ ସ୍ଥାନରେ ରଖନ୍ତୁ।<br>• କାଣ୍ଡ ଓ ଫଳ ବିନ୍ଧା ପୋକ କୁ ନିୟନ୍ତ୍ରଣ କରିବା ପାଇଁ Emamectin benzoate@ 4 g/10 lt ପାଣିରେ ମିଶାଇ ସିଂଚନ କରନ୍ତୁ। |
| **ଲଙ୍କା** | ଫୁଲ ଏବଂ ଫଳ | • ପତ୍ରମୋଡା ରୋଗର ନିୟନ୍ତ୍ରଣ ପାଇଁ Imidachloprid 17.8% SL@ 3 ml/10 lt ପାଣିରେ ମିଶାଇ ସିଂଚନ କରନ୍ତୁ। |
| **ଟମାଟ** | ଫୁଲ ଏବଂ ଫଳ | • ଟମାଟ ନାଲି ପଡିଆସୁଥିଲେ ତାକୁ ତୋଳି ଦିଅନ୍ତୁ।<br>• ଫଳ ବିନ୍ଧା ପୋକ ର ନିୟନ୍ତ୍ରଣ ପାଇଁ Flubendiamide@ 5 g/10ltପାଣିରେ ମିଶାଇ ସିଂଚନ କରନ୍ତୁ। |
| **ଫଳ:** | | |
| **ଆମ୍ବ** | ଫୁଲ/ବଉଳ | • ଆମ୍ବ ରେ ଦହିୟା ପୋକ ର ନିୟନ୍ତ୍ରଣ ପାଇଁ Thiomethoxam @ 0.5 g ପ୍ରତି ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ।<br>• ଆମ୍ବ ରେ ଫୁଲ ଝଡିବା କୁ ରୋକିବା ପାଇଁ **Planofix @** 0.4 ml ପ୍ରତି ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। |
| **କଦଳୀ** | | • ଗଛ ମୂଳରୁ ୩୦ ସେ. ମି ଦୂରରେ ଶଢା ଗୋବର ଖତ ପ୍ରୟୋଗ କରନ୍ତୁ ।<br>• କଦଳୀରେ ଜଉ ପୋକର ର ଦମନ ପାଇଁ **Imidachloprid @** 2 ml/lt ବ୍ୟବହାର କରନ୍ତୁ। |

| ଫୁଲ: | | |
|---|---|---|
| ଗେଣ୍ଡୁ | ଫୁଲ | • ଫୁଲ ଗୁଡିକୁ ସତେଜ ରଖିବା ପାଇଁ ନିୟମିତ ଜଳ ସେଚନ କରନ୍ତୁ<br>• ଫୁଲ ଅମଳ କରି ସ୍ଥାନୀୟ ମାର୍କେଟ ରେ ବିକ୍ରି କରି ଦିଅନ୍ତୁ। |
| ଗୋଲାପ | ଫୁଲ | • ଦହିୟା ପୋକ (Mealybug) ର ନିୟନ୍ତ୍ରଣ ପାଇଁ ସାବୁନ ଫେଣ କିମ୍ବା ନିମ୍ବ ର ସିଂଚନ କରନ୍ତୁ। |
| ପଶୁପାଳନ: | | |
| ଛେଳି ପାଳନ | | • ନିୟମିତ ପିଇବା ପାଇଁ ସଫା ପାଣି ଯୋଗାଇ ଦିଅନ୍ତୁ।<br>• Foot and Mouth disease ଓ ଫାଟୁଆ ରୋଗ ର ନିୟନ୍ତ୍ରଣ ପାଇଁ ଛେଳି ଛୁଆଙ୍କୁ ୪-୬ ମାସ ଭିତରେ ଟୀକାକରଣ କରନ୍ତୁ । |
| ଗାଈ ପାଳନ | | • ଗୁହାଳ ଘର କୁ ସଫା ରଖନ୍ତୁ।<br>• ପିବା ପାଇଁ ସଫା ପାଣି ନିୟମିତ ସମୟରେ ଯୋଗାଇ ଦିଅନ୍ତୁ। |


**ଯୋଗାଯୋଗ:**

**ନାମ: ଶୁଭକାନ୍ତ ସାମନ୍ତରାୟ**

**Email:** subhakantaofficial95@gmail.com


ଉତ୍ତମ କୃଷି ସୁବିଧା ବ୍ୟବହାର ପାଇଁ, OUAT କାଲିଙ୍ଗା ଉତ୍ପାଦଗୁଡିକ (ବିହନ, ଚାରା ଏବଂ QPM, ଟିସୁ ସଂସ୍କୃତି ଉଦ୍ଭିଦ, ଫଳ ଏବଂ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, କୁକୁଡ଼ା ଛୁଆ, ପ୍ରଜାତି, ଛତୁ ଏବଂ ସ୍ପନ୍, ବାୟୋ-ସାର, ବାୟୋ-କୀଟନାଶକ, ଜିଆ ଖତ, ଭର୍ମି କମ୍ପୋଷ୍ଟ ଏବଂ ଫାର୍ମ ପ୍ରୟୋଗ) |

IMD ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ଅବସ୍ଥାନର ଏଗ୍ରୋ-ମେଟେରୋଲୋଜିକାଲ୍ ପରାମର୍ଶଦାତା ବର୍ତ୍ତମାନ ଇଂରାଜୀ ଏବଂ ଓଡିଆ ଭାଷାରେ ମେଘଦୂତ ମୋବାଇଲ୍ ଆପ୍ ରେ ଉପଲବ୍ଧ |

**Download: (Android: https://play.google.com/store/apps/details?id=com.aas.meghdoot), (iOS: https://apps.apple.com/in/app/meghdoot/id1474048155)**